# ଟୁପୁରୁ ଟୁପୁରୁ ବରଷେ ପାଣି

କାନନ ମିଶ୍ର




Digitized by srujanika@gmail.com

# ଟୁପୁରୁ ଟୁପୁରୁ ବରଷେ ପାଣି


## କାନନ ମିଶ୍ର



ବହିଘର

ସିନେମା ବଜାର, ବାଲେଶ୍ୱର-୭୫୬୦୦୩



Digitized by srujanika@gmail.com

# ଟୁପୁରୁ ଟୁପୁରୁ ବରଷେ ପାଣି

(ଶିଶୁ - କବିତା)

---

କାନନ ମିଶ୍ର

ପ୍ରକାଶକ :ଅଭୟ କୁମାର ଦାସ, ବହିଘର,
ସିନେମା ବଜାର,ବାଲେଶ୍ୱର-୭୫୬୦୦୩,
ଫୋନ୍ : ୩୬୪୬୮୮
ପ୍ରଚ୍ଛଦ ଓ ଅଳଂକରଣ : କେଶୁ ଦାସ
ମୁଦ୍ରଣ : ପୃଥ୍ୱୀ ପ୍ରିଣ୍ଟର୍ସ, ସିନେମା ବଜାର, ବାଲେଶ୍ୱର,
ଫୋନ୍ :-୩୬୪୬୮୮
ପ୍ରଥମ ସଂସ୍କରଣ : ୨୦୦୦
ମୂଲ୍ୟ ୧୮ ଟଙ୍କା ମାତ୍ର

# TUPURU TUPURU BARASE PANI

(Children's Poems)

---

By **Kanan Mishra**

**Publisher** : Abhay Kumar Das, **BAHIGHARA**,
Cinema Bazar,Baleshwar-756003,
Telephone- 364688
**Cover and inner art** : Keshu Das
**Printed at PRITHVI PRINTERS**,
Cinema Bazar, Baleshwar-756003,
Telephone-364688
**First Edition 2000**
**Price Rs. 18/-** Only

**ISBN - 81 - 87348 - 18 - 6**

Digitized by srujanika@gmail.com

ବାପାବୋଉଙ୍କୁ

ଶ୍ରଦ୍ଧା ସହ

Digitized by srujanika@gmail.com

# କେଉଁ ପୃଷ୍ଠାରେ କଣ


| ବିଷୟ | ପୃଷ୍ଠା | ବିଷୟ | ପୃଷ୍ଠା |
|---|---|---|---|
| ଚକାଚକା ଭଉଁରୀ | ୫ | ସକାଳ | ୩୮ |
| ଲଡୁତକ ଗଲା ସରି | ୭ | ସଂଜ ଆସିଗଲେ | ୩୯ |
| ପିଠାପଣା | ୯ | ଏକ୍ ଠାରୁ ଦଶ୍ | ୪୦ |
| ପାଣି ପଣା ସର୍ବତ | ୧୧ | ଜହ୍ନିଫୁଲ ଠୋଠା | ୪୨ |
| ପନିପରିବା | ୧୩ | ଫୁଲ ବଉଳ ବେଣୀ | ୪୩ |
| ବାହାରିଲେ ବାପା ବଜାର | ୧୫ | ଏଇ ଆମ ପରିବାର | ୪୫ |
| ମୁଁ କିଏ | ୧୭ | ଚାରୋଟି ସ୍ୱାଦ | ୪୭ |
| ଆ 'ଜହ୍ନ ମାମୁ | ୧୯ | କୁଣିଆ | ୪୮ |
| ଖେଳ | ୨୧ | ସୋନୁର ନାଁ | ୫୦ |
| ଠୁକୁଠୁକୁ ସୋନୁ ଚାଲେ | ୨୩ | ଆସିଗଲା ଖରାଦିନ | ୫୨ |
| କାଟନା ଗଛର ଡାଳ | ୨୫ | ଉଡ଼ିଗଲେ ଗେଣ୍ଡାଳିଆ | ୫୩ |
| ଡାମରା କାଉ | ୨୭ | ସୁଆଗ ପୁରର ସାଆନ୍ତ ଅଜା | ୫୫ |
| ହେଇଥାନ୍ତି ଯଦି | ୨୯ | ପବନ | ୫୭ |
| ଇଟିକିଲି ମିଟିକିଲି | : ୩୦ | ବହି | ୫୮ |
| ଭଲପିଲା | ୩୨ | କାହାଣୀ | ୫୯ |
| କ ଖ ଗ ଘ | ୩୩ | ଶୀତଋତୁ | ୬୦ |
| ଫଳମୂଳ | ୩୪ | କୁନି ଭଉଣୀ | ୬୧ |
| କାହାକୁ କିଏ | ୩୫ | ନୂଆ ବରଷ | ୬୨ |
| ଫୁଲ କଢ଼ି | ୩୬ | ନାନା ବାୟା ଗୀତ | ୬୩ |
| ସ୍ୱରବର୍ଣ୍ଣ | ୩୭ | ଟୁପୁରୁ ଟୁପୁରୁ ବରଷେ ପାଣି | ୬୪ |


Digitized by srujanika@gmail.com

# ଚକା ଚକା ଭଉଁରୀ

ଚକା ଚକା ଭଉଁରୀ
ମାମୁ ଘର ଚଉଁରୀ
ମାଇଁ ଗୋରା ତକ ତକ
ନାଆଁ ତାଙ୍କ ଗଉରୀ ।

ମାଇଁ ମତେ ମାଇଲେ
କ୍ଷୀର ଭାତ ଖୋଇଲେ
ରୁଷିଲାରୁ କୋଳେ ନେଇ
ରୂପକଥା କହିଲେ ।





ମାମୁଁ ଦେହ ସାବନ
ବୟସରେ ବାବନ
ସାଇକେଲ୍ ଛୁଟେ ତାଙ୍କ
ସତେ ଅବା ପବନ ।

ମାଉସୀ ମୋ ଓଲେଇ
କଥା କହେ ଗେହ୍ଲେଇ
ପାଉଁଜି ତା ରୁଣୁଝୁଣୁ
ଯେବେ ସିଏ ଚାଲଇ ।




Digitized by srujanika@gmail.com

ମଉସା ମୋ ଗାୟକ
ଥିଏଟର ନାୟକ
ମହମହ ମଲ୍ଲୀମାଳେ
ଭାରି ତାଙ୍କ ସଉକ ।



ଅଜା ଆମ ଦାଢ଼ିଆ
ହେଲେ ଭାରି ବଢ଼ିଆ
ତାଙ୍କ ଲାଗି ନିତି ଖଞ୍ଜା
ଗଜାମୁଗ ନଡ଼ିଆ ।



ଆଈ ଭାରି ଭଲ ମାଁ !
ହାତେ ଦେଇ କଲମ
ନାଆଁରେ ତା' ଖଞ୍ଜିବାକୁ
ଗୀତ କଁରେ ଜୁଲମ ।

ଚକା ଚକା ଭଉଁରୀ
ମାମୁ ଘର ଚଉଁରୀ
ମାମୁ ଘରେ ଝାମୁଯାତ
ବାଜେ ଶଙ୍ଖ ମହୁରୀ ।



Digitized by srujanika@gmail.com

# ଲଡୁତକ ଗଲା ସରି



ବୋଉ କରିଥିଲା ଦଶଟି ଲଡୁ
ନେଇଗଲା ଗୋଟେ କାଉ
ରୋଷେଇ ଘରେ ସେ ରଖିଲା ନେଇ
ନଅ ରହିଥିଲା ଆଉ ।

ବାବୁଲି କହିଲା ନଦେଲେ ଲଡୁ
ପଢ଼ିବନି ସିଏ ପାଠ
ଖାଇଲା ଗୋଟିଏ, ନଅରୁ କମି
ଲଡୁ ହୋଇଗଲା ଆଠ ।



ଆଠରୁ କମି ସାତୋଟି ହେଲା
ଲଡୁଟିଏ ନେଇ ଆଈ
ଯେତେବେଳେ ଗଲେ ଚଉରାମୂଳେ
ଭୋଗ ଲଗାଇବା ପାଇଁ ।

ଆଇଲେ କୁଣିଆ ଖାଇଲେ ଗୋଟେ
ସାତଟା ଗଲା ଯେ କମି
ଛଅ ଥିଲା ଘରେ ପହଞ୍ଚିଗଲା
ପଡ଼ିଶା ଘରର ମାମି ।



Digitized by srujanika@gmail.com

ଚାଖି ଚାଖି ଗୋଟେ କହିଲା ସିଏ
ସୁଆଦ ହେଇଚି ଭାରି
ଛଅରୁ କମି ପାଞ୍ଚଟି ହେଲା
ଲଡୁ ଯାଏ ସରି ସରି ।

ମଙ୍ଗଳା ନାନୀର ମଙ୍ଗଳବାର
ରଖିଥିଲା ସିଏ ବ୍ରତ
ଖାଇଲା ନେଇକି ଗୋଟିଏ ଲଡୁ
ବେଳ ଯେବେ ରତରତ ।



ଚାରୋଟି ଲଡୁରୁ ଗୋଟିଏ ନେଇ
ଜଳଖିଆ କଲେ ବାପା
ବୋଉ ପାଖେ ଥିଲା ତିନୋଟି ଲଡୁ
ମନେ ମନେ ହେଲି ଖପା ।

ମୋ କଥା କି ବୋଉ ଗଲାଣି ଭୁଲି
ଦେଉନାହିଁ ଲଡୁ ମତେ
ମନକଥା ଜାଣି ଗୋଟିଏ ଆଣି
ଧରାଇଦେଲା ମୋ ହାତେ ।



ରହିଥିଲା ଆଉ ଦୁଇଟି ଲଡୁ
ଗୋଟିଏ ଖାଇଲା କିଏ ?
ବୋଉ ଆଣିଦେଲା ଦୁଆରେ ଯେବେ
ଦେଖିଲା ଭିକାରୀଟିଏ ।

ଭାଇ ପହଞ୍ଚିଲେ ପୁରୀରୁ ଆସି
ଶେଷଟିକି ଦେଲେ ଖାଇ
ବୋଉ କରିଥିଲା ଦଶଟି ଲଡୁ
ବୋଉ ପାଇଁ ଆଉ ନାହିଁ ।





Digitized by srujanika@gmail.com

# ପିଠାପଣା



ପିଠା ଖାଇବାକୁ ମନ କରିଥିଲେ
ବସି ଖାଉଥିବ ଆରିଷା
ଦିନ ଦିନ ଧରି ତାଜା ରହିଥିବ
କେହି ନୁହଁ ତାର ସରିସା ।

ଅଟା ଚକ୍ତଣୀରେ କଅଁଳ କଅଁଳ
ଛଣା ହେଉଥିଲେ କାକରା
ମହମହ ବାସ ଚହଟାଇ ଦେଇ
ଦେଉଥାଏ ସିଏ ଡାକରା ।



ବିରିଚାଉଳର ଚିକ୍‌ଣ ପିଠୋଉ
ତିଆରଇ ସରୁ ଚକୁଳି
ଦାନ୍ତ ନଥିଲେ ବି କ୍ଷୀରରେ ବୁଡ଼ାଇ
ଆଈ କରୁଥାଏ ପାକୁଳି ।

ଚିତୋଉ ପାଇଁକି ଦରକାର ହୁଏ
ମୋଟାଳିଆ ମାଟି ପଲମ
ନଡ଼ିଆ ରସରେ ବୁଡ଼ାଇ ଖାଇବ
ପିଠାଥିବ ଯେବେ ଗରମ ।



Digitized by srujanika@gmail.com

ଗୁଲୁରାତି ବାସ ଛେନାପୂର ମଣ୍ଡା
ଜୁଡୁବୁଡୁ ଗୁଆ ଘିଅରେ
ମାଣବସା ଦିନ ଘରେ ଘରେ ଛଣା
ଯେତେ ଇଚ୍ଛା ଖାଅ ନିଅରେ ।

ନଡ଼ିଆ କୋରାରେ ପେଟ ଟୁଲ୍‌ଟୁଲ୍
ପିଠା ନାଆଁ ଛୁଞ୍ଚିପତର
ବୁଢ଼ୀମାଆ କରେ କଦବା କେମିତି
ଯଶ ଅଛି ତା' ହାତର ।



କରିଥିଲା ବୋଉ କାଲି ରାତିବେଳା
ବହଳିଆ ଦୁଧ ଗଇଁଠା
ଲୋଭୀ କୁନିଭାଇ ହାଣ୍ଡିରୁ ଖାଇକି
ସବୁତକ କଲା ଅଇଁଠା ।



ଏଣ୍ଡୁରି ପିଠାକୁ ସରାଗ ମୋହର
ବାଂଫରେ ସିଝଇ କେବଳ
ପେଟ ପାଇଁ ଭଲ, ତେଲ ଘିଅ ନାହିଁ
ଦେହକୁ କରାଏ ସବଳ ।

ହଳଦୀ ପତର ପିଠା ବାସୁଥାଏ
ସତେଅବା କଂଚା ହଳଦୀ
ଗୋଟା ଅଟକାଳି, ମାଲପୁଆ ପିଠା
ଖାଇବା ଆସରେ ଜଲଦି ।





Digitized by srujanika@gmail.com

# ପାଣି ପଣା ସର୍ବତ

ଧୁଉ ଧୁଉ ଖରାଦିନେ
ଶୋଷ ଭାରି ଲାଗିଲେ
ଶୀତଳ ପାଣିକୁ ଆଶ
ଦିଅ କିଏ ମାଗିଲେ ।

ଗଛ ତୋଳା ତାଜା, ସଜ
ପଇଡ଼ର ପାଣିଟି
ଶରୀରକୁ ହିତକାରୀ
ରଖିଥାଅ ଜାଣିଟି ।





ତୋରାଣୀ ପାଣିକୁ ଆଶା
କରେ ଦୁଃଖୀ ମୂଲିଆ
ବରଫପାଣିଟି ସୁଖ
ହୋଇଥିଲେ ହାଲିଆ ।

ବେଲପଣା ଉପକାରୀ
ପେଟମରା ରୋଗୀକୁ
ଦହିପାଣି ସର୍ବତ
ଶୋଭାପାଏ ଭୋଗୀକୁ ।



Digitized by srujanika@gmail.com

ଛେନାପାଣି ଶିଶୁ ପିଏ
ହଜମକୁ ସହଜ
ଝୁଙ୍କ ଦିଆ କାଞ୍ଜିପାଣି
ଭାରି ତାର ମଉଜ ।

ଲେମ୍ବୁପାଣି ଦିଆଯାଏ
ଦେହ ଥିଲେ ଉଷୁମ
ମିଶିରିର ପାଣି ପିଏ
ଭଉଣୀ ମୋ କୁସୁମ ।





ଚାହାପାଣି କପେ ଲୋଡ଼ା
ବାପାଙ୍କର ସକାଳୁ
ଫୁଟାପାଣି ପିଅ ଭାଇ
କଥା ଅଛି ସେକାଳୁ ।

ଦାନ୍ତବିନ୍ଧା ଦୂର ହୁଏ
ଲୁଣପାଣି କୁଳିରେ
ଚାରୁପାଣି ବୋଉ କରେ
ନିତି ଆମ ଅଳିରେ ।

ପଣାପାଣି ସର୍ବତ୍
ଭଲି ଭଲି ରହିଛି
ପାଣି ପିଅ, ଦେହ ଭଲ
ବଇଦ ଯେ କହିଛି ।







Digitized by srujanika@gmail.com

# ପନିପରିବା

ନାଲି ଟହଟହ ଡଉଲ ଡାଉଲ
ଦେହରେ ଭରିଛି ରସ
ଟମାଟୋ ବୋଲିକି ନାଆଁ ଡାକ ମୋର
ସୁଆଦେ ପୃଥିବୀ ବଶ ।

ମାଟି ତଳେ ତଳେ ଗୋଲଗାଲ ହୋଇ
ଥାଏ ମୁଁ ବାଳୁତକାଳୁ
ପରିବା ଭିତରେ ରଜା ବୋଲି ଗଣା
ନାଆଁ ମୋ ବିଲାତିଆଳୁ ।





ଉଞ୍ଚ ଡାଳେ ବସି ପବନ ସାଥିରେ
ଦୋଳି ଖେଳୁଥାଏ ମୁହିଁ
ଲହଲହକା ମୁଁ ଶ୍ୟାମଳ ଦେହ ମୋ
ନାଆଁଟି ସଜନାଛୁଇଁ ।


କମଳାରଙ୍ଗରେ ସଜାଇଛି ଅଙ୍ଗ
ପାଟିକୁ ମଧୁର ଭାରି
ଗାଜର କଷି ମୁଁ ଭୂଇଁ ତଳେ ବଢ଼େ
ତୁମ ପାଇଁ ହିତକାରୀ ।



Digitized by srujanika@gmail.com

ଧୋବ ଫରଫର ମୁହଁଟି ମୋହର
ପରିଚୟ ଫୁଲକୋବି
ଖାଇବା ପାଇଁକି ବଡ଼ଠାରୁ ସାନ
ସଭିଏଁ ହୁଅନ୍ତି ଲୋଭୀ ।

ମନ ମଉଜରେ ଚାଲରେ ଘୁମାଏ
ଯିଏ ଦେଖେ କହେ ଲାଉ
ଚିକଣ ଚାକଣ କଅଁଳ ଚେହେରା
ସେଇଲାଗି ମୋର ଭାଉ ।



କଳା, ଧଳା ଆଉ ସବୁଜ ତିନୋଟି
ରଙ୍ଗରେ ଫଳେ ମୁଁ ଜାଣ
ମୁଁ ଯେ ବାଇଗଣ ବଇଦ କହଇ
ବହୁତ ମୋହର ଗୁଣ ।

ଲକ୍‌ଲକ୍ ଲତା ଗଣ୍ଠିରେ ଫଳେ ମୁଁ
ପୋଟଳ ମୋହରି ନାଆଁ
ତରକାରୀ କର, ପୂର ଦେଇ ଭାଜ
ହାତ ଚାଟି ମୋତେ ଖାଆ ।



ଭାଡ଼ି ତଳେ ତଳେ ବାରିବଗିଚାରେ
ଝୁଲେ ମୁହିଁ ହସିହସି
ରାନ୍ଧିବନି ମତେ, କଞ୍ଚାରେ ଖାଇବ
ମୁଁ ପରା କାକୁଡ଼ି କଷି ।

କଖାରୁ, କାଙ୍କଡ଼, କୁନ୍ଦୁରୁ, ଝୁଡ଼ଙ୍ଗ
ଶାଲଗମ୍ ଆଉ ଶାଗ
ରଖିବା ପାଇଁକି ଶରୀର ନିରୋଗ
ପରିବା ଖାଇବ ଆଗ ।






Digitized by srujanika@gmail.com

# ବାହାରିଲେ ବାପା ବଜାର

ବାହାରିଲେ ବାପା ବଜାର
ମନେ ପଡ଼ିଗଲା ଫୁଟବଲ୍ କଥା
ସବା ସାନଭାଇ ରାଜାର ।

ଭାଇନା କହିଲେ ମୋ ଲାଗି ଆଣିବ
ଆଠ ନମ୍ବରର ଚପଲ୍
ଭାଉଜ କହିଲେ ଭଲ ଦେଖିକରି
କିଣିବାକୁ ଅଛି ଆପଲ୍ ।



କକେଇ କହିଲେ ପଇସା ବଳିଲେ
ଆଣିବୁ ଗୋଟିଏ ଗାମୁଛା
ଖୁଡ଼ୀଙ୍କର ପୁଣି ଦରକାର ହେଲା
ଷ୍ଟେନଲେସ୍ ଷ୍ଟିଲ୍ ଚାମୁଚା ।


ବଡ଼ନାନୀ ଆସି ବରାଦ କରିଲା
ଆସିବ ବାସନା ସାବୁନ୍
ଚକୋଲେଟ୍ ପାଇଁ ରାହା ଧରିନେଲା
ଭାଇଙ୍କର ପୁଅ ବୁବୁନ୍ ।




Digitized by srujanika@gmail.com

ଜେଜେ କହିଗଲେ ଚାଲିବା ପାଇଁକି
ବାଙ୍କୁଲୀ ବାଡ଼ିଟେ ଆଣିବୁ
ଜେଜେମା କହିଲେ ପୂଜାଲାଗି ମୋର
ଧୂପକାଠି କିଛି କିଣିବୁ ।

ପିଇସୀ ନାନୀର ଆବ୍‌ଦାର ହେଲା
ଆସିବ ଜିଲିପି, ମିଠେଇ
ଅଁଳା ତେଲର ବୋତଲ ପାଇଁକି
ବରାଦ କରିଲେ ଦେଠେଇ ।








ଦଦେଇ କହିଲେ କବିରାଜଠାରୁ
ଆଣିବୁ ଓଷଧ ପୁଡ଼ିଆ
ବୋଉ କହେ ମଣ୍ଡା ପିଠା କରିବାକୁ
ଦରକାର ତା'ର ନଡ଼ିଆ ।

ପଚାରିଲେ ବାପା, ''ଫେରିବିକି ଆଜି
କୁନି ପାଇଁ କିଛି ନଆଣି ?''
କହିଲି, ''ବାପାମଁ ! ବହି ଆଣିଦବ
ଯେଉଁଥିରେ ଭଲ କାହାଣୀ ।''




Digitized by srujanika@gmail.com

# ମୁଁ କିଏ ?

ଆଷାଢ଼ ଆସିଲେ
ହୁଏ ମୋ ଆସିବା ବେଳ
ନେଳି ଆକାଶରେ
କେତେ ଭଳି ଖେଳି ଖେଳ ।

କେତେବେଳେ ଧଳା
କେତେବେଳେ କଳା କାୟା
ଚିହ୍ନିଲକି ମତେ ?
ମେଘମାଳା ମୋର ନାଆଁ ।





ସଂଜ ଆସିଗଲେ
ଆକାଶେ ଚମକେ ତାରା
ସଭିଙ୍କ ଭିତରେ
ମୁହଁ ଦିଶେ ମୋର ତୋରା ।


ଦେଖିବାକୁ ମତେ
କାହ୍ନୁ ହୁଏ ଛନଛନ
ଜୋଛନା ଢାଳେ ଯେ
ସେଇ ମୁଁ ପୂନେଇଁ ଜହ୍ନ ।



Digitized by srujanika@gmail.com

ସବୁଜ ଡାଳରେ
ଝୁଲିଝୁଲି ଖେଳେ ଦୋଳି
ପୂଜା ଅରଚନା
ପାଇଁ ନେଇଥାଅ ତୋଳି ।

ଗଜରା ହାରରେ
ଜକମକ ମୋର ଠାଣି
ସରାଗରେ ତୁମେ
ଡାକିଥାଅ ଫୁଲରାଣୀ ।





କୂଳ ଉଛୁଳାଏ
ଆସିଲେ ଆଷାଢ଼ ମାସ
ନୀଳ ଢେଉରେ ମୋ
ରୂପେଲୀ ମୀନର ବାସ ।

କଳକଳ ସୁରେ
ରାତି ଦିନ ଯାଏ ବହି
ଚିହ୍ନିଲକି ମତେ ?
ନାଆଁ ପରା ମୋର ନଈ ।

ବରଷକେ ଥରେ
ଯେବେ ବି ଫଗୁଣ ଆସେ
ଶାଖାରେ ଶାଖାରେ
ଆମ୍ବର ବଉଳ ବାସେ ।

ପତରେ ଗହଳେ
ଛପି ଗାଏ କୁହୁ ଗୀତ
କଳା କୋଇଲି ମୁଁ
ପିଲାଏ ତୁମର ମିତ ।





Digitized by srujanika@gmail.com

# ଆ' ଜହ୍ନମାମୁ



ଆ' ଜହ୍ନମାମୁ ସରଗ ଶଶୀ
କହ୍ନେଇ ହାତରେ ପଅଡ଼ ଖସି ।
ରୂପା ଥାଳିଆରେ ଖେଚେଡ଼ି ଭାତ
ଖାଉନି କହ୍ନେଇ ପାତିଛି ହାତ ।
ପାପୁଲିରେ ତୁହି ପଡ଼ିଲେ ଖସି
ଖେଚେଡ଼ି ଖାଇବ ଦି ଜଣ ବସି ।



ଆ' ଜହ୍ନମାମୁ ସରଗ ଶଶୀ
ଆସିଲେ ତୁ କାହ୍ନୁ ହୋଇବ ଖୁସି ।
ଆସିବୁକି ବସି କୁହୁକ ଶେଜେ
କହ୍ନେଇକୁ ନେବୁ ପରୀ ରାଇଜେ ।




ପରୀ ରାଇଜର ଝରଣାକୂଳ
ମାଣିକ ଗଛରେ ମୁକୁତା ଫୁଲ ।
ଫୁଟିଥିବ ତହିଁ ପେଣ୍ଠାକୁ ପେଣ୍ଠା
ଖେଳିବ ଦି ଜଣ କହିବ କଥା ।
ଲେଉଟିବ କାହ୍ନା ସକାଳ ବେଳା
ଜହ୍ନମାମୁ ସାଥେ ସରିଲେ ଖେଳା ।



Digitized by srujanika@gmail.com

ନେଳିଆ ଆକାଶ ଚାନ୍ଦୁଆ ତଳେ
ଟିମ୍ ଟିମ୍ ତାରା ରୋଷଣୀ ଜଳେ ।
ସବୁରି ଭିତରେ ଝଟକୁ ତୁହି
ଝଲମଲ କରି ମରତ ଭୂଇଁ ।
ଲୁଚକାଳି ଖେଳୁ ବଉଦ ଫାଙ୍କେ
ଆ' ଆ' ବୋଲି କହ୍ନେଇ ଡାକେ ।





ଜହ୍ନମାମୁ ତୁହି ଜାଣୁନି ନିଜେ
କେତେ କାହ୍ନୁଙ୍କର ସପନ ସାଜେ
ତତେ ନେଇ ତାଙ୍କ କୋମଳ ମନେ
ଗୀତ ଗାଉଥାନ୍ତି ଜଣକୁ ଜଣେ ।
ଆ' ଜହ୍ନମାମୁ ସରଗ ଶଶୀ
ମୋହରି ହାତରେ ପଅଡ଼ ଖସି ।



Digitized by srujanika@gmail.com

# ଖେଳ

ଛୁଟିଦିନଯାକ ସଦାବେଳେ ମୁହିଁ
ଖେଳୁଥାଏ ସାପ ଲୁଡୁ
କେରମ୍ ଖେଳରେ ଭାତଖିଆ ଭୁଲେ
ଚଗଲା ଭାଇ ମୋ ଗୁଡୁ ।

ବାପାଙ୍କର ନିଶା ପଶା ଖେଳଟିରେ
ବୋଉ ଖେଳୁଥାଏ ତାସ୍
କୁନାକୁ ଆମର ଭଲ ଲାଗିଥାଏ
କ୍ରିକେଟ୍ ଖେଳଟି ଖାସ୍ ।





ପହିଲି ରଜରେ ମନମଉଜରେ
ଚାଲିଥାଏ ଦୋଳିଖେଳ
କଉଡ଼ି ଖେଳରେ କମଳୀ ନାନୀର
ବିତିଯାଏ ଖରାବେଳ ।

ପୁଚି ଖେଳ ଖେଳି କୁଆଁରୀ ବିତାଏ
କୁଆଁର ପୂନେଇଁ ରାତି
ଦୋଳ ପରବରେ ଲଉଡ଼ି ଖେଳରେ
ଗାଆଁସାରା ଉଠେ ମାତି ।




Digitized by srujanika@gmail.com

ବୋହୂ ବୋହୂକା ମୁଁ ଖେଳୁଥିଲି ନିତି
ଥିଲି ଯେବେ ଅତି ସାନ
ଚେସ୍ ଖେଳ ପାଇଁ ଦରକାର ପଡ଼େ
ପୂରାପୂରି ମନଧ୍ୟାନ ।

କଣ୍ଢେଇ ଖେଳରେ ବହୁତ ଶରଧା
କରିଥାଏ ଆମ କୁନି
ଭାଇ ଖେଳିଥାନ୍ତି ସ୍କ୍ୱାସ୍, ଫୁଟବଲ୍
ଟେବୁଲ ଟେନିସ୍ ପୁଣି ।



ଆଉ କେଉଁ ଖେଳେ ଅଛି କହ ମତେ
ଲୁଚକାଳି ଖେଳ ମଜା
ଗଲ୍ଫ ଖେଳିବାକୁ ସକାଳେ ଯାଆନ୍ତି
ସାହେବ ମିଜାଜୀ ଅଜା ।



ଭଳି ଭଳି ଖେଳ, ବାଡ୍‌ମିଣ୍ଟନ୍
ବାସ୍କେଟ୍ ବଲ୍, ହକି
ଖେଳ ଖେଳୁଥିଲେ ଆପଣା ଶରୀର
ନୀରୋଗ ପାରିବ ରଖି ।



Digitized by srujanika@gmail.com

# ଠୁକୁଠୁକୁ ସୋନୁ ଚାଲେ

ଠୁକୁଠୁକୁ ସୋନୁ ଚାଲେ
ଆ' ଆ' ଡାକିଲେ
ସୁକୁସୁକୁ ନାନୀ କାନ୍ଦେ
ବୋଉ କେବେ ବକିଲେ ।

ଟିମ୍‌ଟିମ୍ ତାରାଫୁଲେ
ହସେ ସାରା ଗଗନ
ରିମ୍‌ଝିମ୍ ବରଷଣ
ଆସିଗଲେ ଶ୍ରାବଣ ।






ଘିର୍‌ଘିର୍ ନଟୁ ବୁଲେ
ସାନଭାଇ ହାତରେ
ସିର୍‌ସିର୍ ଦେହ ପରା
ପଉଷର ଶୀତରେ ।

ଗମ୍‌ଗମ୍ ଝାଳ ବହେ
ଖରା ଧାସ ପାଇଁକି
ଥମ୍‌ଥମ୍ ମୁହଁ ଆଜି
ବାପାଙ୍କର କାହିଁକି ?


ଛଳଛଳ ଚାହେଁ ଝୁଲୁ
ନ ଆସିଲେ ଗଣିତ
କଳକଳ ନାଦ ରଚି
ବହିଯାଏ ପାଣି ତ ।

ରୁଣୁଝୁଣୁ ରୁଣୁଝୁଣୁ
ନୁପୂରର ଶବଦ
ଗୁଣୁଗୁଣୁ ମହୁମାଛି
କାମୁଡ଼ିଲେ ବିପଦ ।





Digitized by srujanika@gmail.com



ଥରଥର ଛାତି ହୁଏ
ମନ ହେଲେ କାତର
ମର୍ମର ଧ୍ୱନି ଉଠେ
ଶୁଖିଗଲେ ପତର ।

ଝିଲ୍‌ମିଲ୍ ଜହ୍ନରାତି
ଢାଳିଦିଏ ଜୋଛନା
ଖିଲ୍‌ଖିଲ୍ ହସି ମନୁ
ପୋଛିଦିଅ ଶୋଚନା ।



ଚକ୍‌ଚକ୍ ଜରିକାମ
ବନାରସୀ ଶାଢ଼ୀରେ
ଭକ୍‌ଭକ୍ ଧୂଆଁ ଛାଡ଼ି
ଧାଏଁ ରେଲଗାଡ଼ିରେ ।

ଛନଛନ ହୁଏ ମନ
ଆସିବାର ଥିଲେ କେ
ଘନଘନ ଘଡ଼ି ଆମେ
ଦେଖୁ ପ୍ରତି ପଲକେ ।

ସୁଲୁସୁଲୁ ବହେ ବାଆ
ମିଠା ତାର ପରଶ
ଝୁଲୁଝୁଲୁ କାହ୍ନୁ ଶୁଏ
କୋଳେ ହୋଇ ହରଷ ।

ଚୁପ୍‌ଚାପ୍ ବସ ଯେତେ
କୁନି ଭାଇ ଭଉଣୀ
ଟୁପ୍‌ଟାପ୍ କଥା ବନ୍ଦ୍
ଲେଖ ଏକ କାହାଣୀ ।





Digitized by srujanika@gmail.com

# କାଟନା ଗଛର ଡାଳ

କାଟନା ଗଛର ଡାଳ
ନିମ୍ବ, ଜାମୁ, କଷି, କରଂଜ, କଇଁଥ
ପଣସ, ପିଜୁଳି, ଶାଳ ।

ଗଛ କରିଥାଏ ସବୁଜ ସୁନ୍ଦର
ଧୂସର ଧରଣୀ ଭୂଇଁ
ସିରି ସିରି ସିରି ବାଆ ବହିଯାଏ
କଅଁଳ ପତର ଛୁଇଁ ।

ଗଛର ଶୀତଳ ଛାଇରେ ବସଇ
ମଣିଷ ହୋଇଲେ ଥକା
ଗଛ ଦେଇଥାଏ ଗହମ, ବାଜରା
ମାଣ୍ଡିଆ ଅଥବା ମକା ।



ଫୁଲ ଫୁଟିଯାଏ ଗଛରେ ଗଛରେ
କାମିନୀ, କୃଷ୍ଣଚୂଡ଼ା
କେଡ଼େ ମନଲୋଭା, କିଶୋରୀ ସଜାଏ
ଗହଳ ବେଣୀର ଜୁଡ଼ା ।




ମଲ୍ଲୀ ଓ ମାଳତୀ, ଟଗର, ଗୋଲାପ
ଆହା କି ମଧୁର ଛବି
ମହକରେ ତାର ମତୁଆଲା ହୋଇ
କବିତା ରଚଇ କବି ।




Digitized by srujanika@gmail.com

ଗଛ ଦେଇଥାଏ ଅଉଷଧି ରୂପେ
ତୁଳସୀ, ହଳଦୀ, ବେଲ
ନାରୀକେଳ ଗଛ ଫଳରୁ ନିଗିଡ଼େ
କେଡ଼େ ସୁବାସିତ ତେଲ ।

ଗଛରୁ କାଗଜ, ଗଛରୁ ତିଆରି
ସରୁ ଦିଆସିଲି କାଠି
ଫଳ ଓ ପରିବା ଗଛର ଦୟାରୁ
ଗଛ ପରି ନାହିଁ ସାଥି ।





ବିନ୍, ବାଇଗଣ, ପପେୟା, ପାଳଙ୍ଗ
ହରଡ଼, ମଟର, ଧାନ
ସପେଟା, ସପୁରୀ, ଖଜୁରୀ, ଅଙ୍ଗୁର
ସବୁ ଯେ ଗଛର ଦାନ ।

ଗଛର ରସରୁ ଝୁଣା ଓ ରବର
ଗଛରୁ ଲବଙ୍ଗ, ଜିରା
ଗଛ ଦିଏ କାଠ, ବଢ଼େଇ ତିଆରେ
ଚକ୍‌ଚକ୍ ଆଲମିରା ।


ପରିବେଶ କରେ ସୁସ୍ଥ, ସଜୀବ
ସରସ କରଇ ମାଟି
ଆଖିରେ ଲଗାଏ ଶ୍ୟାମ ଅଞ୍ଜନ
ଗଛକୁ ଦିଅନା କାଟି ।




Digitized by srujanika@gmail.com

# ଡାମରା କାଉ

ଡାମରା କାଉରେ ଡାମରା କାଉ
ଉଞ୍ଚ ପରବତେ ବୋବାଉଥାଉ ।
ଉଞ୍ଚ ପରବତ ଢେଉଢେଉକା
ଖେଳୁ ତୁ କି ସେଠି ବୋହୂ ବୋହୂକା ?
ଉଞ୍ଚ ପରବତ ଝରଣା କୂଳ
ସୁଲୁ ସୁଲୁ ବାଆ ଭାରି ଶୀତଳ ।






ଝରଣା କୂଳରେ ଗଛଙ୍କ ଭିଡ଼
ଡାଳଟିଏ ବାଛି ବାନ୍ଧିଛୁ ନୀଡ଼ ।
ନୀଡ଼ପାଖେ ତୋର ପାଚଇ ଆମ୍ବ
ରସ ପିଇଦେଇ ପକାଉ ରାବ ।
ସାରାଦିନ ଗାଉ କାଆକା ଗୀତ
ଥକା ଲାଗେନିକି କହିବୁ ସତ ।



Digitized by srujanika@gmail.com

ଡାମରା କାଉରେ ଡାମରା କାଉ
ପାହାନ୍ତି ପହରୁ ବୋବାଉଥାଉ ।
ପାହାନ୍ତିପହର ସପନ ରାଣୀ
ରାବ ଶୁଣି ତୋର ମାଗେ ମେଲାଣି ।
ଗୀତରେ ତୋହର ମଣିଷ ଜାଗେ
ନୂଆଦିନ ପାଇଁ କାମରେ ଲାଗେ ।





କାଆ କାଆ ଡାକ ଶୁଣିଲେ ପ୍ରାଣୀ
ରାତି ସରିଗଲା ପାରଇ ଜାଣି ।
ବେଳ ଦେଖିବାକୁ ଲାଗେନି ଘଡ଼ି
ଶୀତଦିନ ହେଉ, ହେଉ ବା ଝଡ଼ି ।
ବୁଲି ବୁଲି ବୁଲି ସବୁରି ଘର
ମଣିଷ ଜଗାଉ ଥରକୁ ଥର ।



ଚିକଣ କାଳିଆ ଚଢ଼େଇ ସିନା
ଗୁଣରେ ଅଟୁ ତୁ ନିରୁତା ସୁନା ।
କାଆ କାଆ ଗୀତ ସକାଳେ ଗାଉ
ଡାମରା କାଉରେ ଡାମରା କାଉ ।




Digitized by srujanika@gmail.com

# ହେଇଥାନ୍ତି ଯଦି

ହେଇଥାନ୍ତି ଯଦି ହଳଦିଆ ଟିକି ଚଢ଼େଇ
ନେଲି ଆକାଶକୁ ଛୁଅନ୍ତି ଡେଣା ମୋ ବଢ଼େଇ
ଉଡ଼ି ଦେଖୁଥାନ୍ତି କେତେ ଗ୍ରାମ, କେତେ ନଗର
କେତେ ମାଳଭୂଇଁ, ମରୁଦ୍ୟାନ, ମହାସାଗର ।

ହେଇଥାନ୍ତି ଯଦି ବନପଥେ କୁନି ଝରଣା
ଗୀତ ଗାଉଥାନ୍ତି କେତେ ନାହିଁ ଯା'ର କଳନା
କୁଳୁକୁଳୁ ସ୍ୱରେ, ମଧୁର ପାଣି ମୋ ପିଇକି
ଶୋଷରେ ଆତୁର ମଣିଷ ଉଠନ୍ତା ଜୀଇଁକି !





ହେଇଥାନ୍ତି ଯଦି ଗଛଟିଏ ଏଇ ଧରାରେ
ବଇଶାଖ ମାସ ନିଆଁଝୁଲ ଝରା ଖରାରେ
ବସିବା ପାଇଁକି ମୋହରି ଶୀତଳ ଛାଇରେ
ବାଟ ଚାଲୁଥିବା ପଥିକ ଆସନ୍ତା ଧାଇଁରେ ।

ହେଇଥାନ୍ତି ଯଦି ସଜ ସୁମନର କଳିକା
ତୋଳି କେ ଗଜରା ତିଆରନ୍ତା ଭଳିଭଳିକା
ସେଇ ହାର ନେଇ ପୂଜାରୀ ଯାଆନ୍ତା ମନ୍ଦିରେ
ଅରପିବାକୁ ତା ଦିଅଁଙ୍କ ପଥର ବେଦୀରେ ।




Digitized by srujanika@gmail.com

# ଇଟିକିଲି ମିଟିକିଲି

ଇଟିକିଲି ମିଟିକିଲି
ଫୁଟିଗଲା କାଇଁଚ
ମିଠାଲାଗେ କେନ୍ଦୁ କୋଳି
ତମେ କେବେ ଖାଇଚ ?
ମିଠାଳିଆ ଚୂଡ଼ାଘଷା
ଲାଗିଥାଏ ପୂର୍ଜାରେ
କନ୍ଦ ମିଠା, ମହୁ ମିଠା
ଖାଉ ଆମେ ମଜାରେ ।






ମିଠା ମିଠା ରସଗୋଲା
ଲଦ୍‌ପଦ୍ ସିରାରେ
ମିଠା ଦହି ସର୍ବତ୍
ଭଲ ଲାଗେ ଖରାରେ ।
ମିଠାଲାଗେ ଛେନାମଣ୍ଡା
ମିଠାଲାଗେ ଉଖୁଡ଼ା
ମିଠା ପୁଣି ମିହିଦାନା
ମିଶିରିର ଟୁକୁଡ଼ା ।




Digitized by srujanika@gmail.com

ଖଜା ମିଠା, ଗୁଡ଼ ମିଠା
ମିଠା ଲାଗେ ଆରିଷା
ମିଠା ପୁଣି ମାଲପୁଆ
କାକରା ଓ କ୍ଷୀରିସା ।
ମିଠା ମିଠା ଜାମୁରୋଳ
ମିଠା ମିଠା ପିଜୁଳି
ମିଠାଲାଗେ ହଳଦିଆ
କାନ୍ଦିପଚା କଦଳୀ ।



ଆମ୍ବ ମିଠା, ଆତ ମିଠା
ମିଠା ପୁଣି ପଣସ
ମିଠା ଲଡୁ ଭୋଗ ଲାଗେ
ପୂଜାହେଲେ ଗଣେଶ ।
ଭାରି ମିଠା ଆଖୁରସ
ସପେଟା ବା ସପୁରୀ
ମିଠାଲାଗେ ତରଭୁଜ
ମିଠାଲାଗେ ଖଜୁରୀ ।



ଛେନା ଗଜା, ସରପୁଲି
ଲେଡିକିନି, କାଲାଜାମ୍
ମିଠେଇର ଶେଷ ନାହିଁ
କରୁଥାଅ ଦରଦାମ୍ ।
ପିଲେ ସବୁ ମନେରଖ
ମିଠା କଥା କହିବ
ତେବେ ସିନା ଜଗତରେ
ଜନମନ ମୋହିବ ।





Digitized by srujanika@gmail.com

# ଭଲ ପିଲା



ସୁନୁ ଉଠେ ସକାଳୁ
ମୁନୁ ଉଠେ ଡେରିରେ
ସୁନୁ ସାଥେ କେହି ନୁହଁ ସରିରେ ।

ସୁନୁ ନୁହେଁ ଚଗଲା
କଥା ମାନେ କହିଲେ
ମୁନୁ କିନ୍ତୁ ମନା କରେ ପହିଲେ ।

ସୁନୁ ଗାଏ ଜଣାଣ
ଦିଅଁ ଘରେ ବସିକି
ମୁନୁ [illegible] ଖଟ ତଳେ ଲୁଷିକି ।




ସୁନୁ ରଖେ କଲମ,
ପଢ଼ାବହି ସାଇତି
ମୁନୁ କହେ ପଢ଼ିବି ମୁଁ ନାହିଁଟି ।

ସୁନୁ ରଖେ ସୁତୁରା
ନିଜ ଘର ଦୁଆର
ମୁନୁ କହେ କାମ ଇଏ ମାଆର ।

ସୁନୁ କରେ ସେନେହ
ସାଥି ପିଲାମାନଙ୍କୁ
ମୁନୁ ମୋଡ଼େ ସଭିଙ୍କର କାନକୁ ।

ସୁନୁ ପାଏ ଆଦର
ସବୁବେଳେ, ସବୁଠି
ପିଲେ ତୁମେ କାହାପରି ହବଟି ?





Digitized by srujanika@gmail.com

# କ ଖ ଗ ଘ

କଦମ୍ବ ଫୁଟଇ ହେଲେ ଶ୍ରାବଣ ମାସ
କର୍ପୂର ଜଳିଲେ ଡାଳେ ମଧୁର ବାସ ।
କଇଁଫୁଲ, ଜହ୍ନ ଦିହେଁ ଦିହିଙ୍କ ମିତ
କମଳାର ରସ ପିଅ ଦେହକୁ ହିତ ।



ଖଇର ନଥିଲେ କିବା ପାନର ମଜା ?
ଖଜୁରୀ କୋଳିକୁ ସୁଖ ପାଆନ୍ତି ଅଜା ।
ଖସଡ଼ା ପଥରେ ପାଦ ରଖନି ଜମା
ଖଡୁ, ହାର, ପାଉଁଜିରେ ସାଜଇ ଜେମା ।



ଗଗନରେ ଚକ୍‌ମକ୍ ଚମକେ ତରା
ଗଜରା ମଝିରେ ମଲ୍ଲୀ ଦିଶଇ ଚୋରା ।
ଗୟସ ଫୁଲରେ ଶିବ ହୁଅନ୍ତି ତୋଷ
ଗହଣା ପାଇଁକି ଝିଅ କରିଛି ରୋଷ ।

ଘଣାପେଷା ତେଲ, ତାର ସୁଆଦ ଭିନେ
ଘଣ୍ଟ ବାଜେ ଦେଉଳରେ ପରବ ଦିନେ ।
ଘମାଘୋଟ ବାରିଧାରା ଆଷାଢ ମାସେ
ଘଞ୍ଚ ହୁଏ ବୁଦା ଯେବେ ବରଷା ଆସେ ।



Digitized by srujanika@gmail.com

# ଫଳମୂଳ

ଟୁକ୍‌ଟୁକ୍ ନାଲି, ଆମ୍ବ ପାଚିଲେ
ଚୁକ୍ ଚୁକ୍ ଚୁଷେ, କିଏ ଯାଚିଲେ ।


ହଳଦିଆ ଗରଗର ପଣସ
ରସଖାଇ ଖୁସି ସବୁ ମଣିଷ ।

ଆସିଗଲେ ବରଷା ଓ ବିଜୁଳି
ବଗିଚାରେ ପାଚିଯାଏ ପିଜୁଳି ।

ପାଣିଭରା ତାଳସଜ ନରମ
ମଜା ତା'ର ପଡ଼ିଗଲେ ଗରମ ।

ହିମାଚଳୀ ସେଓ ଲାଗେ ପାଟିକି
ଭାରି ମିଠା, ଖାଅ ତାକୁ କାଟିକି ।

ଲିଚୁକୋଳି କଣ୍ଟାଳିଆ ଉପରେ
ଧୋବ ଫରଫର କିନ୍ତୁ ଭିତରେ ।





ପାକଳିଆ ବଡ଼ ବଡ଼ ନଡ଼ିଆ
କୋରା କରି ଖାଇବାକୁ ବଢ଼ିଆ ।

ଦେଖିଦେଲେ ସିଲ୍‌ହଟୀ କମଳା
କୁନା ଆମ ପଡ଼େ ନାହିଁ ସମଳା ।

ରସେ ଭରା ଟସ୍‌ଟସ୍ ଅଙ୍ଗୁର
ଭାରି ପ୍ରିୟ ସାନଭାଇ ଜଗୁର ।

ଫୁଟି ଲାଗେ ମିଠା ଆଉ ବାଲିଆ
ତରଭୁଜ ଭିତରଟି ନାଲିଆ ।

କଦଳୀଠୁ ବଳି ଫଳ ଅଛିକି ?
କେତେଜାତି ଖାଉଥାଅ ବାଛିକି ।

ଫଳମୂଳ ଭରା ଏଇ ଜଗତ
ଫଳ ଖାଅ ଦେହେ ହେବ ତାକତ ।



Digitized by srujanika@gmail.com

# କାହାକୁ କିଏ

ଗରମ ମୁଢ଼ିକୁ ବାଦାମ ଭଜା
ଗଣେଶ ପୂଜାକୁ ଉଖୁଡ଼ା, ଖଜା ।

ଅରୁଆ ଭାତକୁ ଘିଅର ଛିଟା
ଭୋଜିକୁ ସୁନ୍ଦର ପାୟସ ପିଠା ।

ଶୀତକୁ ଉହ୍ଲେଇ, ଦିନକୁ ଖରା
ଗୁହାଳକୁ ଗାଈ, କାନକୁ ଝରା ।

ଫୁଲକୁ ଭଅଁର, ମାଟିକୁ ଘାସ
କଳା ବଉଦକୁ ବିଜୁଳି ହାସ ।

ମଥାକୁ ସିନ୍ଦୂର, ଆଖିକୁ କଜ୍ଜଳ
ଗୋଲ୍‌ଗାଲ୍ ହାତେ କନକବଳା ।

ନଈକୁ ନଉକା, ଖରାକୁ ଛାଇ
ଗାଲକୁ ସୁନ୍ଦର କାଳିଆ ଛାଇ ।

ନାଚକୁ ନୁପୂର, ପିଠାକୁ ପୂର
ମନ୍ଦିରକୁ ବାନା, ଗୀତକୁ ସୁର ।

ଗରମ ଦିନକୁ ନବାତ ପାଣି
ସାଧୁକୁ ସୁନ୍ଦର ମହତବାଣୀ ।

ପଖାଳ କଂସାକୁ ଆମ୍ବୁଲ, ବଡ଼ି
ଧୋବଲା ଲୁଗାକୁ ଚଉଡ଼ା ଧଡ଼ି ।

ଫଗୁଣ ମାସକୁ କୋଇଲି ଡାକ
ଘରକୁ ସୁନ୍ଦର ମଣିଷ ଯାକ ।



Digitized by srujanika@gmail.com

# ଫୁଲକଢ଼ି

ଫୁଲକଢ଼ି ମଁ ଯେ ଫୁଲକଢ଼ି
ଦକ୍ଷିଣା ପବନେ ମନ ମଉଜରେ
ଦୋଳି ଖେଳୁଥାଏ ଘଡ଼ି ଘଡ଼ି ।
କଢ଼ ହେଇ ରାତେ ନିଦ ଯାଏ
ପାହାନ୍ତି ପହରେ ପତା ମେଲି ଦେଇ
ଫୁଲରାଣୀ ରୂପେ ଶୋଭା ପାଏ ।

ମାଳି ଗୁନ୍ଥେ ମତେ ସରାଗରେ
ଗଜରା ମାଳରେ, ଛାତି ମୋର ଭରା
ମହୁ ଆଉ ଗୁଣ୍ଡ ପରାଗରେ ।
ବାଟ ଚାଲୁ ଚାଲୁ ହସି ହସି
ତୋଳି ନେଇ ମତେ ବେଣୀ ତା' ସଜାଏ
କିଶୋରୀ ଝିଅଟି ବାରମାସୀ ।
କରିବାକୁ ଦେବ ଅରଚନା
ତୋଳେ ପୁଣି କିଏ, ଖୁସି ବାଣ୍ଟିବାକୁ
ସତେ ଅବା ମୋର ସରଜନା ।

ସୁଲୁ ସୁଲୁ ସୁଲୁ ବାଆ ବହେ
ନହକା ଡାଳରେ ଖିଲି ଖିଲି ହସି
ପବନ ସାଥିରେ କଥା କହେ ।
ଫୁଲକଢ଼ି ମୁଁ ଯେ ଫୁଲକଢ଼ି
ଫୁଟା ଫୁଲ ହେଇ ମହକ ବିତରି
ମାଟି ସାଥେ ମିଶି ଯାଏ ସଢ଼ି ।



Digitized by srujanika@gmail.com

# ସ୍ୱରବର୍ଣ୍ଣ

ଅଇନାରେ ମୁହଁ ଦେଖେ
ନିଇତି ମୁଁ ସକାଳେ
ଅଇଁଠା ଖାଇବ ନାହିଁ
ମନେ ରଖ ସକଳେ ।

ଆକାଶରେ ତାରାଫୁଲ
ଫୁଟିଥାଏ ରାତିରେ
ଆହୁଲାରେ ଡଙ୍ଗା ଚାଲେ
ମହାନଦୀ ଛାତିରେ ।


ଇଲିସି ମାଛର ମଜା
ହୋଇଥିଲେ ବେସର
ଈଶ୍ୱରଙ୍କୁ ପୂଜା କର
ଦୁଃଖ ହେବ ପାଶୋର ।



ଉଆଁସ ରାତିରେ ଜହ୍ନ
ଛପିଯାଏ ଆକାଶେ
ଊଣା କର ନାହିଁ ମନ
ସାନ କଥା ସକାଶେ ।

ଏକ୍‌ତାରା ବଜାଉଛି
ଯୋଗୀ ବସି ହାଟରେ
ଐରାବତ ଛବି ଆଙ୍କ
ତୂଳୀ ଧରି ହାତରେ ।


ଓଜନ କରିକି ଆଣ
ବଜାରରୁ ଜିନିଷ
ଔଷଧ ଖାଇଲେ ଭଲ
ହୁଏ ରୋଗୀ ମଣିଷ ।





Digitized by srujanika@gmail.com

# ସକାଳ



ସକାଳ ଆସିଲେ ସିନ୍ଦୂରା ଫାଟେ
କୁନାକୁନି ଦିହେଁ ଚାହାଲୀ ଯାଆନ୍ତି
ଚାଲି ଚାଲି ଗାଆଁ ଗହୀର ବାଟେ ।

ସକାଳ ଆସିଲେ ସୂରୁଜ ଉଏଁ
ଚିକ୍ ଚିକ୍ ଚିକ୍ ରୂପେଲୀ କିରଣ
କଅଁଳ ଘାସର କାକର ଛୁଏଁ ।



ସକାଳ ଆସିଲେ କୁସୁମ ଫୁଟେ
ନାଲି, ନେଳି, ଧଳା ପାଖୁଡ଼ା ଦେହରୁ
ଦିଗ୍‌ବିଦିଗ୍‌ରେ ମହକ ଛୁଟେ ।

ସକାଳ ଆସିଲେ ଶୁଭଇ ପରା
ଡାଳେ ଡାଳେ ପକ୍ଷୀ କାକଳି, କୂଜନ
ସରସ, ସତେଜ ଲାଗଇ ଧରା ।

ସକାଳ ଆସିଲେ ଠାକୁର ଘରେ
ମଠା ପିନ୍ଧି ଜେଜେ ପୂଜା କରୁଥାନ୍ତି
ସ୍ତବ ଗାଇ ଗାଇ ଭକତି ଭରେ ।

ସକାଳ ଆସିଲେ ଡାମରା କାଉ
କାଆ କାଆ ରାବି ମଣିଷ ଜଗାଏ
ଦିନ ଆସିଗଲା ଶୁଅନା ଆଉ ।

ସକାଳ ଆସିଲେ କାମରେ ଲାଗ
ସକାଳୁ ଉଠିକି ପାଠ ପଢୁଥିଲେ
ଜିତାପଟ ନେବ ସବୁଠି ଆଗ ।






Digitized by srujanika@gmail.com

# ସଂଜ ଆସିଗଲେ

ସଂଜ ଆସିଗଲେ ସୂରୁଜ ବୁଡେ
ମନମୋହନଙ୍କ ମନ୍ଦିର ବେଢ଼ାରୁ
ଝାଞ୍ଜ, ମୃଦଙ୍ଗର ଶବଦ ଶୁଭେ ।

ସଂଜ ଆସିଗଲେ ଆକାଶ କୋଳେ
ଧୋବ ଫରଫର ମଲ୍ଲୀଫୁଲ ପରି
ଟିମ୍‌ଟିମ୍ ତାରା ରୋଷଣୀ ଜଳେ ।





ସଂଜ ଆସିଗଲେ ଗାଈର ଗୋଠ
ଘରେ ଲେଉଟଇ, ଗୋଧୂଳି ଗଗନେ
ବସିଯାଏ ନାଲି ଅବିର ହାଟ ।




ସଂଜ ଆସିଗଲେ ଚଉରା ମୂଳେ
ଦୀପ ଜାଳି ବୋଉ ଶୁଭ ମନାସଇ
ହାତଯୋଡ଼ି ସବୁ ଓଢ଼ଣା ତଳେ ।

ସଂଜ ଆସିଗଲେ ଜହ୍ନର ଟୀକା
ଆକାଶ ପିନ୍ଧଇ, କଇଁଫୁଲ ତାକୁ
ଦେଖି ମାରୁଥାଏ ଆଖିମିଟିକା ।




Digitized by srujanika@gmail.com


# ଏକ୍ ଠାରୁ ଦଶ୍



ଫାଙ୍କା ନେଳି ଆକାଶରେ
ଏକ୍ ଅଟେ ସୂରୁଜ
ଗୋଧୂଳିରେ ଢାଳିଯାଏ
ନାଲିରଙ୍ଗ ମୁରୁଜ ।

ପାହାଡ଼, ପ୍ରାନ୍ତର, ବନ
ଦେଖେ ଦୁଇ ନୟନ
ଦୁଇ କାନ ଗୀତ ଶୁଣେ
କଲେ କେହି ଗାୟନ ।






ତ୍ରିଶୂଳକୁ ଧରିଥାନ୍ତି
ଭୋଳା ଶିବଠାକୁର
ତିନିତୁଣ୍ଡ ମିଶିଗଲେ
ଛେଳି ହୁଏ କୁକୁର ।



କହୁଥିଲେ ବାପା, ବେଦ
ଚାରିଗୋଟି ଆମର
ମଟରର ଚାରିଚକ
ଭାରି ସିଏ କାମର ।




ପଞ୍ଚାମୃତ ଲୋଡ଼ା ହୁଏ
ଦେବଦେବୀ ପୂଜାରେ
ମିଶିଲେ ଆଙ୍ଗୁଠି ପାଞ୍ଚ
କାମ ହୁଏ ମଜାରେ ।



Digitized by srujanika@gmail.com

ବରଷକେ ଛଅ ଋତୁ
ବରଷା ଓ ବସନ୍ତ
ଗ୍ରୀଷମ, ଶରତ, ଶୀତ
ଆଉ ପୁଣି ହେମନ୍ତ ।




ସାତଗୋଟି ମହାଦେଶ
ଜାଣିବ ଯେ ପଢ଼ିଲେ
ସପ୍ତାହଟି ହେଇଥାଏ
ସାତଦିନ ଯୋଡ଼ିଲେ ।





ଶ୍ରୀକୃଷ୍ଣ ଜନମିଥିଲେ
ଜନ୍ମାଷ୍ଟମୀ ପରବେ
ଚାରିଦୁଣେ ଆଠ ବୋଲି
କହୁଛନ୍ତି ସରବେ ।





କାଳିଦାସ ବଡ଼କବି
ନବରତ୍ନ ଭିତରେ
ନବଗ୍ରହ ପାଇଥାନ୍ତି
ପୂଜା ହିନ୍ଦୁ ମତରେ ।





ଦଶମୁଣ୍ଡବାଲା ଥିଲା
ଲଙ୍କାଧୀଶ ରାବଣ
ଆଶ୍ୱିନର ଦଶମୀରେ
ଦେବୀପୂଜା ପାର୍ବଣ ।



Digitized by srujanika@gmail.com

# ଜହ୍ନିଫୁଲ ଠୋ ଠା

ଜହ୍ନିଫୁଲ ଠୋ ଠା    କାକୁଡ଼ି ଫୁଲ ତୋଫା
ଖୁଦ ମୁଠିଏ ନଥିଲେ ରଖି    ଗୁଣ୍ଡୁଚି ହବ ଖଫା ।
ଗୁଣ୍ଡୁଚି ମୂଷା କହିଯାଇଚି    ଚାଉଳ ମୁଠେ ଥାଉ
ଭୋକିଲା ମୂଷା ଖାଇବା ଚିଜ
ପାଇବ ଅବା କାହୁଁ ?



ପଦୁଅଁ ଫୁଲ ନାଆଲି ନାଲି    ଟଗର ଫୁଲ ଧୋବ
ତୋତା ପକ୍ଷୀଟି କହିଯାଇଛି    ପିଜୁଳିଟିଏ ନବ ।
ନହକାଡାଲେ ସବୁଜ ରଂଗା    ପିଜୁଳିଟିଏ ଥାଉ
ଭୋକିଲା ତୋତା ମୁନିଆ ଥଣ୍ଟେ
ଫଳଟି ତୋଳି ଖାଉ ।





ଚଂପାଫୁଲଟି ସୁଉନା ସୁନା    ଅପରାଜିତା ନେଳି
ଶୋଷ ଲାଗୁଚି କହିଯାଇଛି    ପୁଷି ବିଲେଇ ଗେହ୍ଲୀ ।
ବଲକା ମିଠା କ୍ଷୀର ଟିକିଏ    ପୁଷି ପାଇଁକି ଥାଉ
ପଶୁପକ୍ଷୀଙ୍କୁ ଶରଧା କର
କହୁନି କିଛି ଆଉ ।



Digitized by srujanika@gmail.com

# ଫୁଲ ବଉଳ ବେଣୀ

କୁଆଁର ପୁନେଇଁ ଜହ୍ନଗୋ
ଫୁଲ ବଉଳ ବେଣୀ
ବଉଳ ଫୁଲର ମହକ
ନିଏ ମନକୁ କିଣି ।

ଶରତ ଋତୁରେ ଫୁଟଇ
ବନେ ଗଙ୍ଗଶିଉଳି
ଖରା ବାଜିଗଲେ ଟିକିଏ
ଆହା ପଡ଼େ ଝାଉଁଳି ।






ଟଗର ଫୁଟିଲେ ଲାଗଇ
ଅବା ଫୁଟିଛି ତାରା
ଟଟକା ମଲ୍ଲିର ବାସନା
ଖେଳେ ବଗିଚା ସାରା ।

ଉଞ୍ଚଡାଳେ ଫୁଟେ ଚଂପକ
ତାର ସୁନେଲୀ ଆଭା
ନାଲି ଟହଟହ ମନ୍ଦାର
ଆହାକି ମନଲୋଭା ।





Digitized by srujanika@gmail.com



ଅହରହ ଦିନମଣିଙ୍କୁ
ଚାହେଁ ସୂରୁଜମୁଖୀ
ଆକାଶେ ଦେଖିଲେ ଚନ୍ଦ୍ରମା
ହୁଏ କୁମୁଦ ସୁଖୀ ।




ଗଇଣ, ଧୁତୁରା ଫୁଲ ଯେ
ଲାଗେ ଶିବ ପୂଜାରେ
ପୋଖରୀ ଛାତିରେ କମଳ
କଢ଼ି ଖେଳେ ମଜାରେ ।



ପେଣ୍ଠା ପେଣ୍ଠା ଫୁଟେ ଅଶୋକ
ଭରି ନହକା ଡାଳ
ପଳାଶେ ସାଜଇ କାନନ
ହେଲେ ବସନ୍ତ କାଳ ।

କିଆ, କାଶଫୁଲ, କେତକୀ
କନିଅର, ସେବତୀ
ହେନା, ଯୂଇ, ଯାଇ, କଦମ୍ବ
ଅବା ମଧୁମାଳତୀ ।




ଭଲି ଭଲି ଫୁଲ ଧରାରେ
ତୁଅ ସୁମନ ସରି
ବାଣ୍ଟି ଦେଇଯାଅ ସୁରଭି
ତୁମ ଜୀବନ ଭରି ।



Digitized by srujanika@gmail.com

# ଏଇ ଆମ ପରିବାର

ବୋଉର ମଥାରେ ସିନ୍ଦୂର ଝଟକେ
ହାତରେ ରୂପାର ଚୁଲି
ବାଧିକା ପଡ଼ିଲେ ସେବା କରିଥାଏ
ଖିଆପିଆ ସବୁ ଭୁଲି ।



ବାପା ଆମ ନିତି ଅଫିସ ଯାଆନ୍ତି
ବାଇସାଇକଲ୍ ଚଢ଼ି
ମୋ ଲାଗି ଆଣନ୍ତି ହାଟରୁ କିଣିକି
କାଗଜ, କଲମ, ଖଡ଼ି ।



ଦେଢ଼ ବରଷର କୁନି ଭାଇ ମୋର
ଠୁକୁରୁ ଠୁକୁରୁ ଚାଲେ
ହସିଦେଲେ ଖେଳେ ଭଉଁରୀ ଯୋଡ଼ିଏ
କଅଁଳ ଲହୁଣୀ ଗାଲେ ।

ନାନୀ ମୋ ଗେହ୍ଲେଇ ରୁଷି ବସୁଥାଏ
ଟାଣକଥା ଦେଲେ କହି
ପାଠ ପଢ଼ିବାକୁ ଭାରି ଆଗଭର
କହେ ଆଣିଦିଅ ବହି ।



Digitized by srujanika@gmail.com

ଜେଜେବାପା ଆମ ବାଟ ଚାଲୁଥାନ୍ତି
ହାତରେ ବଙ୍କୁଲୀ ବାଡ଼ି
ବେଳ ମିଳିଗଲେ ରୋପନ୍ତି ବାରିରେ
ଫୁଲଗଛ ଧାଡ଼ିଧାଡ଼ି ।

ଜେଜେମା ଆମକୁ କାହାଣୀ ଶୁଣାଏ
କେତେ ଗପ ତାକୁ ଜଣା
ବାଲି ଆଟିକାରେ ଭାଜେ ଆମପାଇଁ
ମଟର, ବୁଟ ଓ ଚଣା ।





ଭାଇନା ଆମର ଭାରି ସୁଧାରିଆ
କହନ୍ତିନି ଟାଣକଥା
ଦରମା ପାଇଲେ କିଣିକି ଆଣନ୍ତି
ଜିଲିପି, ଲବଙ୍ଗଲତା ।

ଗୋରା ଦକଦକ ଭାଉଜ ଆମର
ଗଳାରେ ହଂସୁଲୀ ହାର
ସୁଖ ଶାନ୍ତି ଭରା ସରଗ ସତେକି
ଏଇ ଆମ ପରିବାର ।




Digitized by srujanika@gmail.com

# ଚାରୋଟି ସ୍ୱାଦ

ମିଠା ଲାଗେ ଲିଚୁ, ସପେଟା, ପଣସ, ଆତ
ରାବିଡ଼ି, ପାୟସ ଅଥବା ଖେଚେଡ଼ି ଭାତ
ମିଠା ଲାଗେ ଲଡୁ, ଖଜା
ମିଠା ରସଗୋଲା ଖାଇବା ପାଇଁକି
ତରବର ଆମ ଅଜା ।



ଖଟା ଖଟା ଲାଗେ ଆମ୍ବ, ଯେବେ ସେ କଷି
ଖଟା ଦହି ଦେଇ ବୋଉ କରିଥାଏ ଲସି
ଖଟା ଲାଗେ ଲେମ୍ବୁରସ
ପାକେଲା କଇଁଥ ଖଟା ଚଟଣୀରେ
ସଭିଏଁ ହୁଅନ୍ତି ବଶ ।





ଫଗୁଣ ମାସରେ ଝିରିଝିରି ନିମଫୁଲ
ପିତା ସିନା, ହେଲେ ଭାଜିକି ଖାଇଲେ ଭଲ
ଚିରେଇତା ଲାଗେ ପିତା
ପିତା କଲରାଟି ହିତକାରୀ ବୋଲି
ଜଗତେ ରହିଚି କଥା ।



ନାଲି ଟୁକୁଟୁକୁ କୁନିକୁନି ଧାନୀ ଲଙ୍କା
ଭାରି ରାଗ ତାର ଖାଇବାକୁ ଲାଗେ ଶଙ୍କା
ରାଗ ଲାଗିଥାଏ ଅଦା
ଗୋଲ ମରିଚକୁ ବାଟିକି ଖାଇଲେ
ପାଟି ପୋଡ଼ିଥାଏ ସଦା ।




Digitized by srujanika@gmail.com

# କୁଣିଆ



ଆସିଛନ୍ତି ନୂଆ କୁଣିଆ
ଆସିବା ଦିନରୁ ବଶ କରିଲେଣି
ସଭିଙ୍କୁ, ସେ ବଡ଼ ଗୁଣିଆ ।

କାହାଣୀ ଲେଖିଲେ ରାମାୟଣ ହବ
ସବୁଥିରେ ସିଏ ଅଜବ
ଦିନରେ ଶୋଇବେ, ରାତିରେ ଚେଇଁବେ
ତାଙ୍କୁ ଦେଖି ଆମେ ତାଜୁବ ।



ଖଟରେ ନୁହେଁ କି ଚଉକୀରେ ନୁହେଁ
ବସିବେ ଟେବୁଲ୍ ତଳରେ
ଖାତା ବହି ସବୁ ଚିରି ଚିରି ଯେତେ
କାଗଜ ଜାକିବେ କଳରେ ।


ଘର ସାରା ଯାହା ଜିନିଷ ରହିଛି
ରେଡିଓ, ଘଡ଼ି ବା ଗିଲାସ
ପିଟି ପିଟି ସବୁ ଭାଙ୍ଗିଦେବା ହେଲା
ତାଙ୍କର ଚରମ ବିଳାସ ।



Digitized by srujanika@gmail.com

ରୂପା ଥାଳିଆରେ ପୁରୀ ପରଷିଲୁ
ଫିଙ୍ଗି ଦେଲେ କରି ଟୁକୁଡ଼ା
ଖୁଣ୍ଟି ଖୁଣ୍ଟି କିନ୍ତୁ ଭୂଇଁରୁ ଖାଇଲେ
ସବୁତକ ଖଇ ଉଖୁଡ଼ା ।

ଭାବିଲୁ କୁଣିଆ ଘରେ ବସି ବସି
ହେଲେଣି ବହୁତ ବିଜାର
ସଜବାଜ କରି ନେଇଗଲୁ ତାଙ୍କୁ
ବୁଲାଇବା ପାଇଁ ବଜାର ।





ବଜାର ଭିତରେ କାନ୍ଧରେ ଚଢ଼ିଲେ
ଚାଲିଲେନି ଦୁଇ କଦମ
ଲୁଗା ବିକୁଥିବା ଝିଅଟିର ବେଣୀ
ଟାଣି ଟାଣି କଲେ ବେଦମ ।

କୁଣିଆଙ୍କୁ ନେଇ ହରବର ଆମେ
ଭୁଲିଲୁଣି ନିଦ, ଆହାର
ଦେଢ଼ ବରଷର ଗେହ୍ଲା ନାତି ସୋନୁ
ତା' ଲାଗି ଦିଅଁଙ୍କୁ ଜୁହାର ।



Digitized by srujanika@gmail.com

# ସୋନୁର ନାଁ

ଜେଜେମା ଡାକନ୍ତି ସୁନାମାଳି ବୋଲି
ଜେଜେ ଡାକିଥାନ୍ତି ପିଢ଼ଲି
ଖିଲିଖିଲି ହସେ ଫାଟିପଡ଼େ ସିଏ
ଅଧା ଖାଉଖାଉ ଇଢ଼ଲି ।

କ୍ଷୀର ଗିନା ଦେଇ ମଥା ସାଉଁଳାଇ
ମାଆ ଡାକିଥାନ୍ତି ମିଠେଇ
ମିଠୁ, ମିଠୁ ବୋଲି ଭାରି ଆଦରରେ
କୋଳକୁ ନିଅନ୍ତି ଦେଠେଇ ।






ଆଈ ଡାକେ ମୋର ଚନ୍ଦ୍ରଉଦିଆ
ମାଇଁ ଡାକିଥାନ୍ତି କାହ୍ନୁରେ
ମାମୁଁ କହୁଥାନ୍ତି ଗେଲ ବସରିଆ
କାହିଁଗଲା ଆମ ସୋନୁରେ ।


ମାଉସୀ କହିଲେ ବିଦେଶ ଜନମ
ନାଆଁ ରହିଥାଉ ସାଇବ
ମଉସା କହିଲେ ସୁମୋହନ ସିଏ
ସଭିଙ୍କର ମନ ମୋହିବ ।



Digitized by srujanika@gmail.com

ପିଇସା କହିଲେ ବୁଲ୍‌ବୁଲ୍ ନାଆଁ
କାନକୁ ଶୁଭୁଛି ବଢ଼ିଆ
ପିଇସୀ କହିଲେ ମାଣିକ ସେ କଲା
ଉଜ୍ଜ୍ୱଳ ଆମ କୁଡ଼ିଆ ।
ଅଜା କହିଦେଲେ ଋତୁରାଜ ତମେ
ଏତେ ଦିନ ପରେ ଆସିଲ
କୁହୁକୁହୁ ସୁରେ ମଳୟ ପବନେ
ସଭିଙ୍କର ମନ ତୋଷିଲ ।





ହଜାରେ ନାଆଁର ଗେହ୍ଲାନାତି ଆମ
ସାରା ପରିବାର ସଙ୍ଗାଳି
ଏତେ ଦିନ ପରେ ନୂତନ ଅତିଥି
ଆମେ ଯେ ଆଣିଛୁ ଶଙ୍ଖୋଳି ।




ଯୀଶୁ ଜଗନ୍ନାଥ ନାଆଁ ନେଇ ତେବେ
କାହିଁକି ଏତିକି ତରକ
ବୁଦ୍ଧ, ନାନକ ଯାହା ଡାକ ପଛେ
ପଡ଼େନାଇଁ କିଛି ଫରକ ।
ବିଷ୍ଣୁ ଡାକ ବା ମହାବୀର ଡାକ
ଭଗବାନ ସେଇ ଗୋଟିଏ
ଜଗତକରତା, ସଭିଙ୍କର ପିତା
ନାଆଁ ଅଟେ ତାଙ୍କ କୋଟିଏ ।



Digitized by srujanika@gmail.com

# ଆସିଗଲା ଖରାଦିନ



ଆସିଗଲା ଖରାଦିନ, ଆସିଗଲା ଗରମ
ଆମ୍ବପାଚି ଡାଳେ ଦିଶେ ହଳଦିଆ, ନରମ ।
ଗିରୀଷମ ଋତୁ ଆସେ, ବଇଶାଖ, ଜେଷ୍ଠ
ଆକାଶରୁ ନିଆଁ ଝରେ, ଶରୀରକୁ କଷ୍ଟ ।

ନୀର ଯେତେ ବାଂଫ ହେଇ ଉଡ଼ିଯାଏ ଗଗନେ
ମେଘ ରୂପେ ବରଷିବା ପାଇଁ ପୁଣି ଶ୍ରାବଣେ ।
ଚିକ୍‌ମିକ୍ ସ୍ରୋତ ତେଣୁ ଶୁଖିଗଲା ନଈରେ
ଦରଦର ସ୍ୱେଦଧାର ଦେହୁ ଯାଏ ବହିରେ ।





ସବୁଜିମା ଲୁଚିଗଲା ବନ, ବିଲ, ପାହାଡୁ
ମରି ମରି ଯାଏ ଘାସ ଗଛଲତା ଉହାଡୁ ।
ମନ ହୁଏ ଖାଇବାକୁ ପାଣି, ପଣା, ପଖାଳ
ଭୟ ଲାଗେ କ୍ଷେତ ଶୁଖି ପଡ଼ିବ କି ଅକାଳ ?

ପାକଳଇ ତରଭୁଜ ନଈପଠା ଛାତିରେ
ପାଚିଲା ପଣସ ସ୍ୱାଦ ଲାଗିରହେ ପାଟିରେ ।
ତାଳସଜ, ସପୁରୀରେ ମହମହ ବତାସ
ଟୋପାଏ ବରଷା ନାହିଁ ହିଆ ହା' ହୁତାଶ ।



ମଉଳେ ଶାଖାରେ ଫୁଲ, ଝାଉଁଳଇ ପତର
ପଶୁପକ୍ଷୀ, ବନବୀଥି ପାଣି ବିନା କାତର ।
ଦିନସାରା ଝାନ୍‌ଜି ପିଟେ, ନାହିଁ ତିଳେ ଆରାମ
ଆସିଗଲା ଖରାଦିନ, ଆସିଗଲା ଗରମ ।




Digitized by srujanika@gmail.com

# ଉଡ଼ିଗଲେ ଗେଣ୍ଡାଳିଆ



ଉଡ଼ିଗଲେ ଗେଣ୍ଡାଳିଆ ଝାଡ଼ିଦେଲେ ପକ୍ଷୀ
ବୁଲିନାନୀ କାନ୍ଦୁଅଛି
ବୁଢ଼ା ବର ଦେଖି ।



ମାଆ କହେ ବୁଲି ମୋର ବାର ବରଷର
ଗେହ୍ଲା ଝିଅ ଖାଉଥିଲା
ଲବଣୀ ଓ ସର ।

ଖେଳୁଥିଲା ଦୋଳିଖେଳ ପହିଲି ରଜରେ
ପଢୁଥିଲା ପାଠ ବସି
ନିଇତି ସଂଜରେ ।



କରିବିନି ବାହା ତାକୁ ପଢ଼ିବ ସେ ପାଠ
ଏଡ଼େ ବେଗି ବାହା କିଆଁ
ଯାଉ ବର୍ଷ ଆଠ ।


ଜହ୍ନରାତେ ଝିଅ ମୋର ଖେଳୁ ପୁଚି ଖେଳ
ବାହାଘର ହବ ଯେବେ
ଆସିବ ତା' ବେଳ ।



Digitized by srujanika@gmail.com

ଗୋଟିଏ ବୋଲିକି ମୋର ଗେଲର୍ଗ ଦୁଲଣୀ
ଜନ୍ମ ବେଳେ କୋଳେ ଧରି
ପୁଅ ଥିଲି ମଣି ।

ପାଠଶାଳା ଯାଉ ସିଏ କରି ମନଖୁସି
ମାଟି ଘରେ ସିଏ ମୋର
ସରଗର ଶଶୀ ।





ବର ଦିଅ ବାହୁଡାଇ କରିବିନି ବାହା
ପାଠପଢ଼ି ଝିଅ ମୋର
ହେବ ଚଉବାହା ।

ପୁଅ ଝିଅ ଫରକ କି ଅଛି ଆଜିକାଲି
ଯଶୋମତୀ ଝିଅ ମୋର
ରୂପେ ଚନ୍ଦ୍ରମଲ୍ଲୀ ।



ଉଡ଼ିଗଲେ ଗେଣ୍ଡାଳିଆ ଝାଡ଼ିଦେଲେ ପର
ବାହୁଡ଼ିଲା ବୁଢ଼ାବର
ହୋଇ ହରବର ।



Digitized by srujanika@gmail.com

# ସୁଆଗପୁରର ସାଆନ୍ତ ଅଜା


ସୁଆଗପୁରର ସାଆନ୍ତ ଅଜା
ଯାଇଥିଲେ ଯେବେ ହାଟ
କିଣି ଆଣିଥିଲେ କୁକୁଡ଼ା ଛୁଆ
ନାଆଁ ଦେଇଥିଲେ ପାଟ ।

ମନରେ ଭାବିଲେ ପାଟପତନୀ
ବଡ଼ ହେଲେ ଦେବ ଅଣ୍ଡା
ବିକିରି କରିକି ପଇସା ଆଣି
ଖାଇବି କ୍ଷୀରିସା, ମଣ୍ଡା ।



ଦିନ ବିତିଗଲା, ବିତିଲା ମାସ
ପାଟ ହେଇଯାଏ ବଡ଼
ଅଣ୍ଡା ପାଇଁ ଅଜା ଅଣ୍ଡାକୁଥାନ୍ତି
ନିଇତି କୁକୁଡ଼ା ଘର ।

ହଠାତ୍ ସେଦିନ ସକାଳ ବେଳା
କାଠି ଓ କୁଟାର ଶେଯେ
ସୁନା ଅଣ୍ଡାଟିଏ ଦିଅଇ ପାଟ
ଅଜବ ଘଟଣା ଏଯେ !





Digitized by srujanika@gmail.com

ଅଣ୍ଡାଟି ସାଇତି ରଖନ୍ତି ଅଜା
ପରଦିନ ସେଇ କଥା
ସୁନା ଅଣ୍ଡା ଦୁଇ ହାତରେ ଧରି
ଘୂରିଲା ଅଜାଙ୍କ ମଥା ।

ଭାବିଲେ ମନରେ ଆସନ୍ତାକାଲି
ଚଢ଼ିବି କୁକୁଡ଼ା ଭାଡ଼ି
ପାଟ ପେଟ ଚିରି ଯେତକ ଅଣ୍ଡା
ଏକାଥରେ ନେବି କାଢ଼ି ।





ଯେମିତି ଭାବନା, ସେମିତି କାମ
ପାଟ ବୁଜିଦେଲା ଆଖି
ସୁନା ଅଣ୍ଡା କିନ୍ତୁ ଗୋଟିଏ ହେଲେ
ପେଟରେ ନଥିଲା ବାକି ।

ଆହା ମୁଁ କି କଲି, ମୁଣ୍ଡକୁ ପିଟି
କାନ୍ଦନ୍ତି ସାଆନ୍ତ ଅଜା
ଅତି ଲୋଭ କଲି ଯେହେତୁ ଏବେ
ପାଇଲି ତାହାର ସଜା ।



Digitized by srujanika@gmail.com

# ପବନ

ଆକାଶରେ ଯେବେ ମେଘ ଭାସିଯାଏ
ତେବେ ଜାଣେ ତମେ ଅଛ
ତୁମ ପାଇଁ ଫୁଲ ଡାଳେ ଡାଳେ ନାଚେ
ଝୁଲିଝୁଲି ଯାଏ ଗଛ ।



ଆଖେ ପାଖେ କାହିଁ ଅଛ ବୋଲି ତମେ
ପାରିଥାଏ ମୁହିଁ ଜାଣି
ଫର୍‌ଫର୍ ହୋଇ ଉଡ଼ିଯାଏ ଯେବେ
ମାଆର ପଣତ କାନି ।



ନୀଳ ଗଗନର ମୁକୁଳା ଛାତିରେ
ଭଦଭଦଳିଆ ଘୁଡ଼ି
ନଟେଇ ଦେହରୁ ସୂତା ଟାଣି ଟାଣି
ତୁମ ପାଇଁ ଯାଏ ଉଡ଼ି ।

ତୁମ ପାଇଁ ଉଡ଼େ ଆକାଶେ ଜାହାଜ
ତୁମ ପାଇଁ ଉଡ଼େ ପକ୍ଷୀ
ତରୁ, ଲତା, ନର ସଭିଙ୍କ ଜୀବନ
ତୁମେ ପରା ଥାଅ ରଖି ।




ନିଦାଘ ରାତିରେ ସୁଲୁସୁଲୁ ବହି
ସୁଖୀ କରିଥାଅ ମନ
କିଏ ଡାକିଥାଏ ପବନ ବୋଲିକି
କିଏ କହେ ସମୀରଣ ।



Digitized by srujanika@gmail.com

# ବହି



ବହି ଦିଅ ବାପା ବହି ଦିଅ
ଅଳିକରେ ଆସି କୁନି ଝିଅ ।

ବହି ଧରି ଯିବି ପାଠଶାଳା
ଆଣିଦିଅ ମତେ ଗୀତିମାଳା ।

ସକାଳେ, ସଂଜରେ ବହିପଢ଼ି
ଗୀତ ଗାଉଥିବି ଘଡ଼ିଘଡ଼ି ।

କଣ୍ଢେଇ ଝିଅ ମୋ ନୁହେଁ ଲୋଡ଼ା
ବହି ଆଣିଦିଅ ଯୋଡ଼ା ଯୋଡ଼ା ।

ବହି ଦିଅ ମାଆ ବହି ଦିଅ
ବହି ଯେ ମୋହର ବଡ଼ ଦିଅଁ ।

ଦେଶବିଦେଶର କଥା ଯେତେ
ବତାଇବ ସିଏ ନିତି ମତେ ।



ପୁରାଣ, ଗଣିତ, ରୂପକଥା
ବିଜ୍ଞାନ, ଭୂଗୋଳ, ତରୁଲତା ।

ସଭିଙ୍କର କଥା କହିବ ସେ
କାହାଣୀରେ ମନ ମୋହିବ ସେ ।

ବାପା ମାଆ ମତେ ବହି ଦିଅ
ଖେଳଣା ଯେତକ ନେଇନିଅ ।

ଛବି ବହି ବସି ଦେଖୁଥିବି
ନୂଆ ନୂଆ କଥା ଶିଖୁଥିବି ।


ବହିକି ରଖିବି ସାଇତିକି
ପଢ଼ାଇବି କୁନି ଭାଇଟିକି ।

ବହିଠାରୁ ବଳି ଧନ ନାହିଁ
ବହି ଆଣିଦିଅ ମୋ ପାଇଁ ।



Digitized by srujanika@gmail.com

# କାହାଣୀ



ମାଆ ଗୋ ମା' ମତେ କାହାଣୀ କୁହ
ସେଇ ଯେଉଁ ଥିଲା ରାଜାର ଝିଅ ।
ନାଆଁ ଥିଲା ଯା'ର ଲବଙ୍ଗଲତା
ମୋତି ଝରୁଥିଲା କହିଲେ କଥା ।

ଛେଳେମାଆ ମତେ କାହାଣୀ କୁହ
ସେଇ ଯେଉଁଥିଲା ସାଧବ ପୁଅ ।
ସାଧବ ପୁଅ ଯେ ବଣିଜ କରେ
ହୀରା, ନୀଳା ନେଇ ଘରକୁ ଫେରେ ।



ବାପା ଆଜି ମତେ କାହାଣୀ କୁହ
ସେଇ ଦେଶକଥା, କ୍ଷୀରର ସୁଅ,
ଝରଣା ହେଇକି ଯେଉଁଠି ବହେ
ବୀଣାଜିଣା କଥା କୋଇଲି କହେ ।


ଜେଜେ ଆଜି ମତେ କାହାଣୀ କୁହ
ପରୀ ରାଇଜର ଡଉଲ ଝିଅ ।
ରୂପରେ ନିଏ ଯେ ଜଗତ ମୋହି
ଗପ ଶୁଣି ତା'ର ଯିବି ମୁଁ ଶୋଇ ।



Digitized by srujanika@gmail.com

# ଶୀତଋତୁ

ଆସିଗଲା ଶୀତଋତୁ
ଆସିଗଲା କୁହୁଡ଼ି
ଦିନମଣି ଖରାତେଜ
ଗଲାଣି ଯେ ବାହୁଡ଼ି ।



ଖଳା ବାରି ମହ ମହ
ନୂଆ ଧାନ ବାସରେ
ଉପବନ ମସ୍‌ଗୁଲ
ଗେଣ୍ଡୁଫୁଲ ହାସରେ ।

କମଳା, ଅଙ୍ଗୁର, ସେଓ
ଫୁଲକୋବି, ମଟର
ପସରାରେ ଭରିଯାଏ
ଗଳି କନ୍ଦି ହାଟର ।



ଦିନ ହେଲା ସାନ
ରାତି ବଢ଼ିଗଲା ଏଣିକି
ଭୟ ଲାଗେ ଢାଳିବାକୁ
ଦେହେ ଥଣ୍ଡା ପାଣିକି ।

ମୁକୁତାର ମାଳ ପିନ୍ଧି
ବୁନ୍ଦା ବୁନ୍ଦା ଶିଶିରେ
ଦୂବଘାସ ସାଜି ଉଠେ
ଶୀତଳଗା ନିଶିରେ ।

ଭଲି ଭଲି ଫୁଲ ଫୁଟେ
ସେବତୀ ଓ ଜିନିଆ
ଧରା ସାଜେ ନବରଂଗେ
ସତେ ନୂଆ କନିଆ ।



Digitized by srujanika@gmail.com

# କୁନି ଭଉଣୀ

କୁନି ଭଉଣୀ ମୋ କୁନି ଭଉଣୀ
ଗୁମାନ କରିଛି, ଭାତ ଖାଉନି ।
ଧୂଳି ସରସର କଅଁଳ ଦିହ
ଅଳି କରେ ଦିଅ କଣ୍ଢେଇ ଝିଅ ।



କୁନି ଭଉଣୀ ମୋ କୁନି ଭଉଣୀ
ରାଗ ରୋଷ କରି କଥା କହୁନି ।
ଲଗାଇଛି ଘରେ ସକାଳୁ ନାଟ
ପାଠଶାଳା ଯିବ ପଢ଼ିବ ପାଠ ।




କୁନି ଭଉଣୀ ମୋ କୁନି ଭଉଣୀ
ଥୟ ଧରି ଦଣ୍ଡେ ଜମା ରହୁନି ।
ଛିଟଢାମା ପିନ୍ଧି ହୋଇଛି ବେଶ
ବୁଲିବାକୁ ଯିବ ବିଲାତ ଦେଶ ।

କୁନି ଭଉଣୀ ମୋ କୁନି ଭଉଣୀ
ଗାଲ ନୁହେଁ ତା'ର ସଜ ଲହୁଣୀ ।
ବାବୁରି ବାଳରେ ନାଲିଆ ଫିତା
ଡାକ ନାଆଁ ରୁନୁ, ଭଲ ନାଁ ରୀତା ।




Digitized by srujanika@gmail.com

# ନୂଆ ବରଷ



ଆସିଗଲା ନୂଆ ବରଷ
ବତାସେ ଖୁସିର ପରଶ
ଆଜିର ଦିନଟି କେଜାଣି କାହିଁକି
ଲାଗେ ସବୁଠାରୁ ସରସ ।

ପୁରୁଣା କାହାଣୀ ସଇଲା
କାନେ ଅବା କିଏ କହିଲା
ପୂରଣ ହେବକି ମରମ ବାସନା
ଗଲା ସନ ଯାହା ନୋହିଲା ।



ବାଣ ଫୁଟେ ଅଧରାତିରେ
ନାଲି, ନେଳି ବତୀ ସାଥିରେ
ନୂଆ ବରଷର ସବୁଜ ସପନେ
ସଭିଏଁ ଯାଆନ୍ତି ମାତିରେ ।

ପିଲାଏ କରନ୍ତି ମଉଜ
କୁନା କହେ ଶୁଣ ଭାଉଜ
ବଡ଼ ବଡ଼ ଦେଖି ମିଠେଇ ଆଣିବ
ବଜାରକୁ ପରା ଯାଉଚ ।

ଆଜି ଏ ମଧୁର ବେଳରେ
ସାଙ୍ଗସାଥିଙ୍କର ମେଳରେ
ଦିନ ବିତିଯାଉ ହସଖୁସି ଆଉ
ମନମତାଣିଆ ଖେଳରେ ।






Digitized by srujanika@gmail.com

# ନାନାବାୟା ଗୀତ



ଡାମରା କାଉରେ ଡାମରା କାଉ
ଉଞ୍ଚ ପରବତେ ବୋବାଉଥାଉ ।
ଉଞ୍ଚ ପରବତେ ଗହନ ବନ
ଗହନ ବନରେ କୋଇଲି ସ୍ୱନ ।
କୋଇଲିର ସ୍ୱନ ଫଗୁଣ ମାସେ
ଫଗୁଣ ମାସରେ ବଉଳ ବାସେ ।
ବଉଳରେ ଆମ୍ବ ଧଇଲା କଷି
ଆ' ଜହ୍ନମାମୁ ସରଗ ଶଶୀ ।

ସରଗ ଶଶୀର ଡଉଲ ମୁହଁ
ଡଉଲ ମୁହଁରେ ଜୋଛନା ସୁଅ ।
ଜୋଛନା ସୁଅରେ ଫୁଟିଲା କଇଁ
କଇଁଫୁଲ ଗଲା ଡେମ୍ଫରେ ନଇଁ ।
ନଇଁଲା ଡେମ୍ଫଟି ଛୁଇଁଲା ପାଣି
ପାଣିରେ ବୁଡ଼ିଲା ଭଅଁର ରାଣୀ ।
ଭଅଁର ରାଣୀର ଦିହଟି କଳା
କହ୍ନେଇ ହାତରେ କନକ ବଳା ।



କନକ ବଳାରେ ମାଣିକ ଖଞ୍ଜା
ମାଣିକ ଦ୍ୱୀପରେ ମଗର ରଜା ।
ମଗର ରଜାର ରେଶମୀ ପାଟ
ରେଶମୀ ପାଟରେ ମୟୂର ନାଟ ।
ମୟୂର ନାଚଇ ଶ୍ରାବଣ ମାସେ
ଶ୍ରାବଣରେ ଘନ ବରଷା ଆସେ ।
ଘନ ବରଷାର ବିଜୁଳି ସାଥି
ଉଠ ଧନମଣି ପାହିଲା ରାତି ।






Digitized by srujanika@gmail.com

# ଟୁପୁରୁ ଟୁପୁରୁ ବରଷେ ପାଣି



ଟୁପୁରୁ ଟୁପୁରୁ ବରଷେ ପାଣି
ଫୁକୁଫୁକୁ ନାଚେ ବେଙ୍ଗୁଲୀ ରାଣୀ
କଦମ୍ବ କଢ଼ରେ ନହକେ ଡାଳ
ଆସିଗଲା ଏବେ ବରଷା କାଳ ।

ଥରି ଥରି ଚାଲେ ଘାସର ଶେଯେ
ସାଧବ ବୋହୂଟି ମନମଉଜେ ।
ପଞ୍ଝ ମେଲି ଦେଇ ମୟୂର ନାଚେ
ଦୂର ପାହାଡ଼ର ନୀଳ ପାହାଚେ ।



ଚିକ୍ ଚିକ୍ ଚିକ୍ ବିଜୁଳି ଖେଳେ
ଢାମୁକୋଳି ମଜା ଏତିକିବେଳେ ।
ଶୋଭଇ ଆକାଶେ ଇନ୍ଦ୍ରଧନୁ
ସାତଟି ରଂଗରେ ସଜାଇ ତନୁ ।

କଳ କଳ କଳ ଉଛୁଳେ ନଈ
ଗ୍ରାମ, ଜନପଦ ନିଅଇ ଧୋଇ ।
ଛତୁ ଫୁଟିଯାଏ ଧାଡ଼ିକି ଧାଡ଼ି
ତରୁଲତା ପିନ୍ଧେ ସବୁଜ ଶାଢ଼ୀ ।



ଟୁବ୍‌ଟାବ୍ ଫୁଟେ ପାଣି ଫୋଟକା
ଘଡ଼ଘଡ଼ି ଦିଏ ଆକାଶେ ଡକା ।
ବାଦଲ ଜମଇ ମାଳକୁ ମାଳ
ଆସିଗଲା ଏବେ ବରଷା କାଳ ।



Digitized by srujanika@gmail.com



ସାଂପ୍ରତିକ ଶିଶୁସାହିତ୍ୟରେ କାନନ ମିଶ୍ର ଏକ ଜଣାଶୁଣା ନାଁ । ଶିକ୍ଷଣୀୟ ବିଷୟବସ୍ତୁକୁ ନେଇ ପିଲାମାନଙ୍କ ମନଲାଖି କବିତା ଲେଖନ୍ତି ନିଷ୍ଠାର ସହିତ । ତାଙ୍କ ସୃଜନଶୀଳତାର ପରିଚୟ ମିଳେ ତାଙ୍କର ଛନ୍ଦ ଓ ଉପଧାମିଳନର ଦକ୍ଷତାରେ । ଶିଶୁକବିତା ପାଇଁ ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ପ୍ରଦତ୍ତ ମୀନାବଜାର ପୁରସ୍କାର ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି ଚଳିତବର୍ଷ ।

ଶିଶୁକବିତା ବ୍ୟତୀତ ତାଙ୍କ ଦ୍ୱାରା ଲିଖିତ ଗଳ୍ପ, କବିତା, ଫିଚର ଓ ସ୍ମୃତିଲେଖାରେ ସମସାମୟିକ ଓଡ଼ିଆ ସାହିତ୍ୟ ଋଦ୍ଧିମନ୍ତ । ଲେଖନ୍ତି ଉଭୟ ଓଡ଼ିଆ ଓ ଇଂରାଜୀରେ ।

ଶିକ୍ଷା — ଏମ୍.ଏ (ଇଂରାଜୀ), ଏମ୍.ଏ (ଓଡ଼ିଆ), ଏମ୍.ଫିଲ୍ (ତୁଳନାତ୍ମକ ସାହିତ୍ୟ)

ପୁରସ୍କାର :
୧. ଆଗାମୀ ଶତାବ୍ଦୀ ସାରସ୍ୱତ ସମ୍ମାନ - ୧୯୯୮
୨. ବିଷୁବମିଳନ ମୀନାବଜାର ପୁରସ୍କାର *(ପ୍ରଜାତନ୍ତ୍ର ପ୍ରଚାର ସମିତି)* - ୨୦୦୦ ମସିହା

ପ୍ରକାଶିତ ପୁସ୍ତକ :
୧. ହୀରା ମୋତି ମାଣିକ - ଶିଶୁ କବିତା ସଂକଳନ
୨. ମନର ମୁକୁର - କବିତା ସଂକଳନ
୩. ଓଡ଼ିଆ ପଦ୍ୟ ମହାକାବ୍ୟର କ୍ରମବିକାଶ- ସମାଲୋଚନା ଗ୍ରନ୍ଥ

ISBN - 81-87348-18-6

Digitized by srujanika@gmail.com